ପ୍ରଗତିବାଦୀ
PRAGATIVADI

Pragativadi

# ଗାୟତ୍ରୀବାଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ



■ ଭୁବନେଶ୍ବର, ତା୨୪।୧୨(ପିଏନଏସ) କବିତା ସଂକଳନ ଦୟାନଦୀ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଗି ମନୋନୀତ ହୋଇଥିବା ଡକ୍ଟର ଗାୟତ୍ରୀବାଳା ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀମତୀ ପଣ୍ଡା ଓ ତାଙ୍କ ସ୍ୱାମୀ ରାଜ୍ୟସଭା ସାଂସଦ ମାନସ ରଂଜନ ମଙ୍ଗରାଜ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ମୁଖ୍ୟମନ୍ତ୍ରୀ ଗାୟତ୍ରୀବାଳାଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ସମୟରେ ଗାୟତ୍ରୀ ଓ ମାନସଙ୍କ ପୁତ୍ର ମନୀଷ ମଙ୍ଗରାଜ ଉପସ୍ଥିତ ଥିଲେ ।